# "ଯେତେ ଶୀଘ୍ର ପାରୁଛ ଆତ୍ମହତ୍ୟା କରିଦିଅ । ତୁମେ ହିଁ ମୋ ଜୀବନର ସବୁଠାରୁ ବଡ଼ କଣ୍ଟା" !

ମୋର ନାମ ଯଦୁନାଥ ମିଶ୍ର (ଛଦ୍ମନାମ) । ଘର ସାମଲ ଥାନା ଅନ୍ତର୍ଗତ ଅନୁଗୁଳ ଜିଲ୍ଲାରେ । ୨୦୦୧ ମସିହାରେ ମୁଁ ମାଟ୍ରିକ୍ ପାସ୍ କରିଥିଲି । ବାପା ଜଣେ ଶିକ୍ଷକ ଥିଲେ । ମାତ୍ର ମୋର ଜନ୍ମର ତିନି ବର୍ଷ ପରେ ବାପା ଆମକୁ ଛାଡ଼ି ଆରପାରିକୁ ଚାଲିଯାଇଥିଲେ । ଆମେ ଚାରି ଭାଇ ଓ ଚାରି ଭଉଣୀ ଅଟୁ । ପରିବାର ପ୍ରତିପୋଷଣ ଦାୟୀତ୍ୱ ମତେ ନବାକୁ ପଡୁଥିଲା । ତେଣୁ ମୁଁ ଶ୍ରୀ ଜଗନ୍ନାଥ ଫିଲିଙ୍ଗ୍ ଷ୍ଟେସନ୍‌ରେ କାମ କରୁଥିଲି । ଏହି କାମରେ ମୋତେ ମାଲିକଙ୍କ ନିର୍ଦ୍ଦେଶ ଅନୁଯାୟୀ ପାରାଦ୍ୱୀପ ଅଞ୍ଚଳକୁ ବାରମ୍ବାର ଯିବାକୁ ପଡ଼େ । ସେଠାକୁ ଗଲାବେଳେ ମାତ୍ର ଅଳ୍ପ କିଛି ବାଟରେ ମୋର ମାମୁଁ ଘର । ମାମୁଁ ଘରେ ମୁଁ ରହିଯାଏ । ତାପର ଦିନ ମୁଁ ଆସେ । ଏହି ମାମୁଁ ଘରକୁ ଯିବା ଆସିବା ବେଳେ ମାମୁଁ ଝିଅର ସାଙ୍ଗ ସହିତ ଦେଖାଚାହାଁ, ଭାବବିନିମୟ, ଟେଲିଫୋନ୍ ନମ୍ବର ଦେବାନେବା, ପରିଶେଷରେ ଏହା ପ୍ରେମରେ ରୂପାନ୍ତରିତ ହୋଇଗଲା । ଉକ୍ତ ଝିଅ ଲାଇବ୍ରେରି ସାଇନସ୍‌ରେ ସ୍ନାତକ ଅଟେ । ଆମ ଭିତରେ ୨୦୦୯ ମସିହାରୁ ଦୈହୀକ  ସମ୍ପର୍କ ମଧ ହେଲା । ୨୦୧୨ ମସିହାରେ ମାମୁଁ ଘରର ଗାଁ ଲୋକମାନେ ଆମର ସମ୍ପର୍କ ବିଷୟରେ ଜାଣିଗଲେ । ମାତ୍ର ଆମ ଉଭୟଙ୍କର ପ୍ରେମ ଆଗରେ ସମସ୍ତ ବାଧା ବିଘ୍ନ ହାର ମାନିଲା । ଉକ୍ତ ଝିଅ ପଛରେ ମୋର ଦରମାର ସିଂହଭାଗ ମୁଁ ଖର୍ଚ୍ଚ କରୁଥିବାରୁ ମୋ ପରିବାରର ଲୋକମାନେ ମୋ ଉପରେ ଅସନ୍ତୁଷ୍ଟ ହେଉଥିଲେ । ଏହାପରେ ୨୦୧୨ ମସିହାରେ ଚଣ୍ଡିଖୋଲରେ ଥିବା ଦୁର୍ଗା ମନ୍ଦିରରେ ଆମେ ବିବାହ କଲୁ ଏବଂ ଏହି ଅଞ୍ଚଳର ଏକ ହୋଟେଲରେ ସବୁବେଳେ ସମ୍ପର୍କ ସ୍ଥାପନ କଲୁ । ଇତି ମଧ୍ୟରେ ତିନି ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ମୁଁ ଖର୍ଚ୍ଚ କରିସାରିଛି । ମାତ୍ର ଉକ୍ତ ଝିଅ ମୁଁ ସରକାରୀ ଚାକିରୀ କରୁନଥିବାରୁ ଏବେ ମୋତେ ବିବାହ କରିବା ପାଇଁ ସିଧା ସିଧ । ମନା କରୁଛି ଏବଂ ଆମେ ଉଭୟେ ଆମର ଦୁର୍ବଳତା ମୁହୂର୍ତ୍ତରେ କିଛି ଭିଡିଓ ପ୍ରସ୍ତୁତ କରିଥିଲୁ । ଯାହାକି ତାଙ୍କ ମୋବାଇଲ୍‌ରେ ମଧ ଅଛି । ଏବେ ସେ ମୋତେ ଧମକ ଦେଉଛନ୍ତି । ଯଦି ମୋତେ ବିବାହ ପାଇଁ ଚାପ ସୃଷ୍ଟିକର ତେବେ ଆମର ଅଶ୍ଳୀଳ ଭିଡିଓକୁ ତିଆରି କରିଛ ବୋଲି କହି ମାମୁଁଘରେ ଭର୍ତ୍ତିକରିଦେବି । ଆମର ସମ୍ପର୍କ କଥା ପଚାରିଲେ ମୋତେ ସେ କହୁଛନ୍ତି ସେତେବେଳେ ମୋର ପିଲାଳିଆମି ବୟସ ଥିଲା । ସେ ବୟସ ଆଉ ମୋର ନାହିଁ । ମୁଁ ଭାବବିହ୍ୱଳ ହୋଇ ତାଙ୍କୁ କହିଲି ମୁଁ ତୁମକୁ ଭୁଲିପାରୁ ନାହିଁ, ପରିଶେଷରେ ଆତ୍ମହତ୍ୟା କରିଦେବି । ଏହାର ଉତ୍ତରରେ ମୋତେ ସେ କହିଲେ, "ଯେତେ ଶୀଘ୍ର ପାରୁଛ ଆତ୍ମହତ୍ୟା କରିଦିଅ । ତୁମେ ହିଁ ମୋ ଜୀବନର ସବୁଠାରୁ ବଡ଼ କଣ୍ଟା" । ଏହାପରେ କିଛି ଆଇନ୍ ଅନୁଯାୟୀ ପଦକ୍ଷେପ ନେବାପାଇଁ ଚିନ୍ତା କଲି । ଖବର କାଗଜରେ ପଢ଼ିଥିଲି ପ୍ରତିସୃତିଦେଇ ଶାରିରୀକ ସମ୍ପର୍କ ରଖିଲା ପରେ କେସ୍ ହୁଏ ବୋଲି କଟକର ଜଣେ ବଡ ଆଇନ୍‌ଜୀବୀଙ୍କ ପାଖରେ ସମସ୍ତ ପ୍ରମାଣ ପତ୍ର ଧରି ପହଞ୍ଚିବାପରେ ସେ ମୋତେ ତାଚ୍ଛଲ୍ୟ କରି କହିଲେ, ମୁଁ କୁଆଡ଼େ ଜଣେ ପ୍ରେମୀ ଏବଂ କହିଲେ ଭାରତରେ ଏଭଳି ଆଇନ୍ କେବଳ ମହିଳାଙ୍କ ପାଇଁ ଅଛି । ମୁଁ ତାଙ୍କୁ ପଚାରିଥିଲି ପୁରୁଷଙ୍କ ପାଇଁ କଣ ଆଇନ୍‌ର ବ୍ୟବସ୍ଥା ନାହିଁ । ସେ ହସି ହସି ତାଙ୍କ କାର୍ଯ୍ୟାଳୟରୁ ମୋତେ ପାଗଳାଟି କହି ତଡ଼ି ଦେଇଥିଲେ । ଏଠି ଏ ଭାରତର ଜନସାଧାରଣ ମୋର ଆପଣମାନଙ୍କୁ ଗୋଟିଏ ପ୍ରଶ୍ନ, ଉତ୍ତର ଦେବେକି ? ଏଠି କଣ ପାଇଁ ପୁରୁଷଙ୍କୁ ସମ୍ମାନର ସହ ବଞ୍ଚିବା ପାଇଁ ଏ ଆଇନ୍ ଦେଉନାହିଁ । ପୁରୁଷଙ୍କର ଆଖିର ଲୁହର, ହୃଦୟ ଭିତର କୋହର କଣ କିଛି ମୂଲ୍ୟ ନାହିଁ........ ? ? ?


ବ୍ୟୋମକେଶ ତ୍ରିପାଠୀ (ଆଇନ୍‌ଜୀବୀ)
ପୁରୁଷ କମିଶନ୍ (ଆବାହକ)
ମୋ- ୯୪୩୭୧୬୪୩୯୯


ବି.ଦ୍ର: ଆପଣଙ୍କ ଜାଣତରେ ଯଦି କେଉଁଠି ପୁରୁଷ ନିର୍ଯ୍ୟାତନା ହେଉଛି ତେବେ ଆମକୁ ଜଣାନ୍ତୁ ଯଥା ସମ୍ଭବ ଆମେ ଆଇନ୍‌ଗତ ସହଯୋଗ କରିବୁ ।